**ଶିଖରପୁର ପଞ୍ଚାୟତ ଶଟ୍‌ଡାଉନ**

ଖଣ୍ଡପଡ଼ା,(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ଶିଖରପୁର ପଞ୍ଚାୟତରେ ୭ କରୋନା ଆକ୍ରାନ୍ତ ଚିହ୍ନଟ ପରେ ପଞ୍ଚାୟତକୁ ୫ ତାରିଖ ସକାଳଠାରୁ ୭ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏ ନେଇ ସରପଞ୍ଚ ନବ କିଶୋର ସାହୁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ନାବାଳକ ମୃତ

ବାଲିଆ/ବିରିଡ଼ି,୪।୮(ଡି.ଏନ.ଏ.): ବଜ୍ରପାତ ଘଟି ମଙ୍ଗଳବାର ବିରିଡ଼ି ବ୍ଲକ ମଙ୍ଗୁଲି ପଞ୍ଚାୟତ ଶଙ୍ଖାରୀସାହିର ବଟକୃଷ୍ଣ ଭୋଇଙ୍କ ଚନ୍ଦନ(୧୭)ଙ୍କ ମୃତ୍ୟୁ ଘଟିଛି। ଅପରାହ୍ଣରେ ଚନ୍ଦନ ହାଜିପୁରରୁ ସଉଦା କିଣି ଘରକୁ ଫେରୁଥିଲେ। ଶଙ୍ଖାରିସାହି ନଦୀବନ୍ଧ ଗଡ଼ା ନିକଟରେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ବିରୋଧ, ଜଣେ ଗିରଫ

ନୟାଗଡ଼ ଅଫିସ,୪।୮: ନୟାଗଡ ସହରରେ ୧୨ନଂ. ୱାର୍ଡରେ କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ବିରୋଧ କରି ନୟାଗଡର ଚିନ୍ମୟ ମହାପାତ୍ର (୫୦)ଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। କୋଭିଡ୍ ନିୟମ ଅଣଦେଖା ଓ ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ଦେବା ଅଭିଯୋଗରେ ଟାଉନ ଥାନା ପୋଲିସ ୧୨୨/୨୦ରେ ମାମଲା ରୁଜୁ କରିଛି।

### ନନ୍ଦିନୀଦେବୀଙ୍କ ଶ୍ରାଦ୍ଧବାର୍ଷିକୀ

ଚଣ୍ଡିଖୋଲ, ୪।୮ (ଡି.ଏନ୍.ଏ.): ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ବାର୍ଷିକୀ ମଙ୍ଗଳବାର ବାଲିଚନ୍ଦ୍ରପୁର ପ୍ରେସ୍ କ୍ଲବ୍ ଓ ନନ୍ଦିନୀ ଦେବୀ ସ୍ମୃତି ସଂସଦ ପକ୍ଷରୁ ପାଳିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ସାମଲ, ପ୍ରବାଶ ଚନ୍ଦ୍ର ଦାଶ, ବିଭୁପ୍ରସାଦ ପୃଷ୍ଟି, ବୀରେନ୍ଦ୍ର ନାୟକ, ଗିରିଜା ପ୍ରସାଦ ସାହୁ, ପ୍ରଫୁଲ୍ଲ ପଣ୍ଡା, ଉତ୍କଳ କେଶରୀ ସାମଲ, ଅଜୟ ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ।

### ଯାଜପୁରରେ ପୁଣି ୩୯ କରୋନା ସଂକ୍ରମିତ

ଯାଜପୁର ଅଫିସ, ୪।୮: ଯାଜପୁର ଜିଲାରେ ମଙ୍ଗଳବାର ୩୯ ଜଣ କରୋନା ସଂକ୍ରମିତ ହୋଇଛନ୍ତି। ଏଥିରେ ଦଶରଥପୁର ବ୍ଲକର ୨୫ ଜଣ ଥିବା ବେଳେ, ଦାନଗଦି ବ୍ଲକର ୫, ରସୁଲପୁର ବ୍ଲକର ୫, ଯାଜପୁର ମ୍ୟୁନିସିପାଲିଟିର ୨ ଓ ଅନ୍ୟାନ୍ୟ ୨ ଜଣ ରହିଥିବା ଜିଲା ସୂଚନା ଓ ଲୋକଙ୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାରେ ସଂକ୍ରମିତ ସଂଖ୍ୟା ୧୩୯୧ରେ ପହଞ୍ଚିଛି।

### ନୟାଗଡ଼ରେ ୩୧ ନୂଆ ଆକ୍ରାନ୍ତ

ନୟାଗଡ଼ ଅଫିସ,୪।୮: ନୟାଗଡ଼ ଜିଲାରେ ମଙ୍ଗଳବାର ୩୧ ଜଣ ନୂତନ ଆକ୍ରାନ୍ତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୨୨ରେ ପହଞ୍ଚିଛି। ତେବେ ସବୁ ଆକ୍ରାନ୍ତ ସ୍ଥାନୀୟ ଅଞ୍ଚଳର। ଏମାନଙ୍କ ମଧ୍ୟରୁ ଭାପୁର ବ୍ଲକର ୨, ଗଣିଆର ୧, ଖଣ୍ଡପଡାର ୬, ନୟାଗଡ ବ୍ଲକର ୧୨, ଓଡଗାଁର ୪, ରଣପୁରର ୫, ନୟାଗଡ ମ୍ୟୁନିସିପାଲିଟିରୁ ୧ ଜଣ ଚିହ୍ନଟ ହୋଇଥିବା ସୂଚନା ମିଳିଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ଥାନାରେ ଅଭିଯୋଗ

ଧର୍ମଶାଳା, ୪।୮ (ଡି.ଏନ୍.ଏ.): ଧର୍ମଶାଳା ଥାନା ସୁନ୍ଦୁରିଆ ପଞ୍ଚାୟତ ହରିଦେଇପୁର ଗ୍ରାମର ଅଜୟ ମଲିକଙ୍କ ପୁଅ ଅଭି(୨୫)ଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ପୋଲିସ ଛାନଭିନ ଆରମ୍ଭ କରିଛି। ଗତ ୧ ତାରିଖରେ ଅଭି ଚଣ୍ଡିଖୋଲ ଛକରୁ ଗ୍ୟାରେଜ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିଲେ। ହେଲେ ରାତି ପ୍ରାୟ ୧୧ଟା ବେଳେ ସିଦ୍ଧିପୁରା ରାସ୍ତାରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ଗାଡ଼ିକୁ ଧକ୍କା ଦେବା ସହ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ତାଙ୍କୁ ମାଡ଼ ମାରିଥିବା ଜଣାପଡ଼ିଥିଲା। ଖବରପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଓ ପରେ ବଡଚଣା ଡାକ୍ତରଖାନାକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ଟଙ୍କା ଯୋଗାଡ଼ ହୋଇ ନ ପାରିବାରୁ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଯାଇଥିଲେ। ତେବେ ସୋମବାର ସେ ଅଧିକ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବଡଚଣା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକର ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ୨୯୫/୨୦ ନଂ.ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଚାଷୀଙ୍କ କାମରେ ଲାଗୁନି ବ୍ରାହ୍ମଣୀ, ବୈତରଣୀ ନଦୀଜଳ

- ଅଧାପନ୍ତରିଆ ଜଳସେଚନ ପ୍ରକଳ୍ପ
- ଚାଷୀଙ୍କୁ କାଳ ସ୍ୱଳ୍ପ ବୃଷ୍ଟିପାତ
- ଜୁନରେ ୨୮, ଜୁଲାଇରେ ୫୧ ପ୍ରତିଶତ କମ୍ ବର୍ଷା

ଯାଜପୁର ଅଫିସ, ୪।୮


ଜାରକା-ଜେନାପୁର ହାଇ ଲେଭଲ୍ କେନାଲ।

ଯାଜପୁର ଜିଲାରେ ନଦୀ, ନାଳ ପ୍ରଭୃତି ଜଳ ଉତ୍ସ ଭରପୂର ରହିଛି। ଜିଲାଦେଇ ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ନଦୀ ବ୍ରାହ୍ମଣୀ ସହ ବୈତରଣୀ ପ୍ରବାହିତ ହେଉଛି। ଏହି ଦୁଇ ନଦୀରେ ନିର୍ମାଣାଧୀନ ଏକାଧିକ ଜଳସେଚନ ପ୍ରକଳ୍ପ ଅଧାପନ୍ତରିଆ ଯୋଗୁ ଏହା ଚାଷୀଙ୍କ ବିପଦ ସମୟରେ କାମକୁ ଆସିପାରୁନାହିଁ। ଚଳିତ ବର୍ଷ ଚାଷ ପ୍ରାରମ୍ଭରେ ଜୁନ ମାସରେ ସ୍ୱାଭାବିକ ବର୍ଷାଠାରୁ ୨୮ପ୍ରତିଶତ ଓ ଜୁଲାଇରେ ୫୧ ପ୍ରତିଶତ କମ୍ ବର୍ଷା ଚାଷୀକୁଳଙ୍କୁ କ୍ଷତିରେ ପକାଇଛି। ଏହାବାଦ ଇଂରେଜ ଅମଳର କେତେକ ହାଇଲେଭଲ କେନାଲ ପୋତି ହୋଇ ପଡ଼ିଥିବାରୁ ଜିଲାର ଜଳସେଚନ ବ୍ୟବସ୍ଥା ନିରୁତ୍ସାହଜନକ ରହିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଜିଲାର ୧,୪୫,୪୫୦ ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ଖରିଫ ଋତୁରେ ୬୬,୬୧୩ ହେକ୍ଟର ଏବଂ ରବି ଋତୁରେ ୩୮,୦୫୪ ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ହେଁ ବାସ୍ତବ ଚିତ୍ର ଭିନ୍ନ ରହିଛି। ଜଗତପୁର-ଜେନାପୁର ହାଇଲେଭଲ କେନାଲ ପାଣିରେ ଖରିଫ ଋତୁରେ ଜିଲାର ବଡ଼ଚଣା ଓ ଧର୍ମଶାଳା ବ୍ଲକର ୮୩୮୪.୧୧ ହେକ୍ଟର ଜମିରେ ଜଳସେଚନ ହେଉଥିବା ଜାରକା ଜଳସେଚନ ଡିଭିଜନ ବିଭାଗ ପକ୍ଷରୁ ଦର୍ଶାଯାଇଛି। ଅଥଚ ୧୬୪.୦୦୫ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏହି କେନାଲରୁ ନିର୍ଦ୍ଧାରିତ ଜମି ପରିମାଣର ୬୮୦.୮୯ ହେକ୍ଟର ଜମିରେ ପାଣି ମାଡୁନାହିଁ। ହାଇଲେବୁଲ କେନାଲ ମରାମତି ନାମରେ ଲକ୍ଷାଧିକ ଟଙ୍କା ବାଟମାରଣା ହେଉଛି ବୋଲି ଚାଷୀ ମହଲରୁ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏହି କ୍ରମରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜଗତପୁର-ଜେନାପୁର, ଜଗତପୁର-ଧର୍ମଶାଳା ଆଦି ହାଇଲେଭଲ କେନାଲ କ୍ରମଶଃ ପୋତି ହୋଇଯାଉଛି। ବ୍ରାହ୍ମଣୀର ଶାଖାନଦୀ ଖରସ୍ରୋତାର ଯୋକାଡିଆଠାରୁ ରୁଡ଼ିଆ କେନାଲ ଦୀର୍ଘବର୍ଷ ହେଲା ଅକାମୀ ହୋଇପଡିରହିଛି। ଜେନାପୁର ଆନିକଟ ସିଆରିଆ ଗ୍ରାମଠାରୁ ବାହାରିଥିବା ଦୁଧେଇ କେନାଲର ପୁନରୁଦ୍ଧାର ହୋଇଥିଲେ ହେଁ ତାହା ଚାଷ କାର୍ଯ୍ୟରେ ଲାଗି ପାରୁନାହିଁ। ସେହିପରି ଯାଜପୁର ଜିଲା ସଦର ବ୍ଲକ ସମେତ ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ୧୩,୧୦୦ଏକର ଚାଷଜମିରେ ଜଳସେଚନ ସୁନିଶ୍ଚିତ ପାଇଁ ବୈତରଣୀ-ବୁଢ଼ା ଆନିକଟ ନିର୍ମାଣ ହୋଇଛି। ୨ ବର୍ଷ ତଳେ ମାଳଆନନ୍ଦପୁର-କିଆନାଳିକୂଳ ୧୦ କିଲୋମିଟର ମୁଖ୍ୟ କେନାଲର କଂକ୍ରିଟ କରାଯାଇଛି। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ୩୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ଏଥିରେ କେନାଲର ଉଭୟ ପାର୍ଶ୍ୱରେ ଅତ୍ୟାଧୁନିକ ପଦ୍ଧତିରେ କଂକ୍ରିଟକରଣ କରାଯାଇଛି। କିନ୍ତୁ କେନାଲର ବିଭିନ୍ନ ସ୍ଥାନରେ କଂକ୍ରିଟ ଫାଟିବା ଆରମ୍ଭ କଲାଣି। ନିର୍ମାଣ ସମୟରେ କେନାଲର କଂକ୍ରିଟ ଉଠିଯାଇଥିବା ମଧ୍ୟ ନଜିର ରହିଥିଲା। ଏ ନେଇ ଅଭିଯୋଗ ହେବା ପରେ ମରାମତି କରାଯାଇଛି।

୧୯୯୭ ମସିହାରେ ପରିକଳ୍ପିତ କେନ୍ଦୁଝର ଜିଲାର ରାଜନଗର ପ୍ରକଳ୍ପ ଶୀତଳ ଭଣ୍ଡାରରେ ପଡିରହିଛି। ରାଜନଗର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ କେନ୍ଦୁଝର ଜିଲା ଆନନ୍ଦପୁର ସବ୍‌ଡିଭିଜନ ଅଞ୍ଚଳର ୪୦ ହଜାର ହେକ୍ଟର ଜମି ଜଳସେଚନ ସହ ବନ୍ୟା ନିୟନ୍ତ୍ରଣ ହୋଇପାରିବ ବୋଲି ଯୋଜନା କରାଯାଇଥିଲା। ସେହି ସମୟରେ ପ୍ରକଳ୍ପ ନିର୍ମାଣ ପାଇଁ ୧୬୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଥିଲା। ଏବେ ପ୍ରକଳ୍ପ ଖର୍ଚ୍ଚ ପ୍ରାୟ ୧ ହଜାର କୋଟି ଟଙ୍କା ହେବ ବୋଲି କୁହାଯାଉଛି। ୨୩ ବର୍ଷ ହେଲା ଏହି ପ୍ରକଳ୍ପ ନାଲି ଫିତା ତଳେ ପଡ଼ିରହିଛି।

ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ରେଙ୍ଗାଲି ବହୁମୁଖୀ ଯୋଜନାର ବାମ କେନାଲ ଦ୍ୱାରା ଯାଜପୁର ଜିଲାର ୪୬,୬୦୦ ହେକ୍ଟର ଜମିରେ ପାଣି ମାଡିବା ନେଇ ପରିକଳ୍ପନା କରାଯାଇଛି। ଏହାଦ୍ୱାରା ବ୍ୟାସନଗର ପୌରାଞ୍ଚଳ ସମେତ ସୁକିନ୍ଦା, ଦାନଗଦି ଓ କୋରେଇ ବ୍ଲକର ଚାଷୀ ଉପକୃତ ହୋଇପାରିବେ। ଏହି ପ୍ରକଳ୍ପର ବାମ କେନାଲ କାର୍ଯ୍ୟ ପାଇଁ ପ୍ରଥମ ପର୍ଯ୍ୟାୟରେ ଯାଜପୁର ଜିଲା କୋରେଇ ବ୍ଲକର ୧୦ଟି ରାଜସ୍ୱ ଗ୍ରାମର ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ହେଲେ ବିଭାଗୀୟ ଅବହେଳା କାରଣରୁ ଏଯାଏ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପନ୍ନ ହୋଇ ପାରିନାହିଁ।

ନଦୀ ଅବବାହିକାରୁ ଉଚ୍ଚ ଚାଷଜମିକୁ ଜଳସେଚନ କରିବାକୁ ରାଜ୍ୟ ସରକାର ୨୦୧୧-୧୨ ଆର୍ଥିକ ବର୍ଷରୁ ମେଗା ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏଥିରେ ଯାଜପୁର ଜିଲାର ବଡଚଣା, ବରୀ, ଧର୍ମଶାଳା, ଯାଜପୁର ଓ ରସୁଲପୁର ବ୍ଲକ ଅଞ୍ଚଳରେ ପ୍ରବାହିତ କେଲୁଅ, ବିରୁପା, ତଣ୍ଟିଘାଇ, ଦୁଧେଇ ଏବଂ ବ୍ରାହ୍ମଣୀର ଉପନଦୀ ଖରସ୍ରୋତାରେ ୯ଟି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା ହୋଇଛି। ଯାହାକି ଅଦ୍ୟାବଧି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି।

ଏ ସଂକ୍ରାନ୍ତରେ ଜଳ ସମ୍ପଦ ବିଭାଗ ଚଣ୍ଡିଖୋଲ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ଚଣ୍ଡେଶ୍ୱର ବେହେରାଙ୍କୁ ପଚାରିବାରେ ଯାଜପୁର ଜିଲାର ଜଳସେଚନ ଜମିର ପରିମାଣ ବୃଦ୍ଧି କରିବାକୁ ବ୍ରାହ୍ମଣୀ ନଦୀର ଯୋକଡିଆ, ବୈତରଣୀ ନଦୀର ଆଖୁଆପଦା ଓ ବୁଢ଼ା ଆନିକଟ ନିକଟରେ ବ୍ୟାରେଜ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। ଏଥିରେ ଜଳସେଚନ ସହ ବନ୍ୟା ନିୟନ୍ତ୍ରଣ ହୋଇପାରିବ। ଏହାସହ ହାଇଲେଭଲ କେନାଲ ସହଯୋଗରେ ଚାଷୀ ଉପକୃତ ହୋଇ ପାରୁଛନ୍ତି ବୋଲି ସେ କହିଛନ୍ତି।

### ସମୁଦ୍ରରେ ମିଶୁଛି ୧୦୦୩୫.୫୧ ଏମ୍‌ସିଏମ୍ ଜଳ

**ବ୍ରାହ୍ମଣୀ, ବୈତରଣୀ ନଦୀଜଳ**

ଯାଜପୁର ଅଫିସ, ୪।୮-ଯାଜପୁର ଜିଲା ଦେଇ ଓଡିଶାର ଦ୍ୱିତୀୟ ସର୍ବବୃହତ ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଛି। ଏହାବାଦ ବୈତରଣୀ, ବିରୂପା, କେଲୁଅ, ବୁଢ଼ା ପ୍ରଭୃତି ନଦୀନାଳ ଜିଲା ଦେଇ ଅତିକ୍ରମ କରୁଛି। ବ୍ରାହ୍ମଣୀ ନଦୀରେ ପ୍ରବାହିତ ମୋଟ ୧୪୦୧୧ ମିଲିୟନ କ୍ୟୁବିକ ମିଟର(ଏମ୍‌ସିଏମ୍)ଜଳ ମଧ୍ୟରୁ ୨୧୯୦.୯୩ ଏମ୍‌ସିଏମ୍ ଜଳସେଚନ, ୩୫.୮୧ ଏମ୍‌ସିଏମ୍ ସାଧାରଣ ଲୋକଙ୍କୁ ପାନୀୟ ଜଳଯୋଗାଣ, ୯୫୨.୧୯ ଏମ୍‌ସିଏମ୍ ଶିଳ୍ପ ଓ ୩୦୧୨.୩୭ ଏମ୍‌ସିଏମ୍ ପରିବେଶ ପାଇଁ ବ୍ୟବହୃତ ହେଉଛି। ବାକି ୭୮୧୯.୭୧ ଏମ୍‌ସିଏମ୍ ଜଳ ବ୍ୟବହାର ହୋଇ ନ ପାରି ସମୁଦ୍ରରେ ମିଶୁଛି। ସେହିପରି ବୈତରଣୀ ନଦୀରେ ପ୍ରବାହିତ ସମୁଦାୟ ୫୪୩୪ ଏମ୍‌ସିଏମ୍ ଜଳ ମଧ୍ୟରୁ ୧୯୪୩.୨୧ ଏମ୍‌ସିଏମ୍ ଜଳସେଚନ, ୧୫.୮୭ ଏମ୍‌ସିଏମ୍ ପାନୀୟ ଜଳଯୋଗାଣ, ୯୦.୮୧ ଏମ୍‌ସିଏମ୍ ଶିଳ୍ପ ଓ ୧୧୬୮.୩୧ ଏମ୍‌ସିଏମ୍ ଜଳ ପରିବେଶ ସୁରକ୍ଷା ପାଇଁ ବ୍ୟବହାର କରାଯାଉଛି। ବାକି ୨୨୧୫.୮୦ ଏମ୍‌ସିଏମ୍ ପାଣି ସମୁଦ୍ରରେ ମିଶୁଥିବା ରାଜ୍ୟ ଅବବାହିକା ଯୋଜନା ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅର୍ଥାତ ଦୁଇ ପ୍ରମୁଖ ବ୍ରାହ୍ମଣୀ ଓ ବୈତରଣୀ ନଦୀର ୧୦୦୩୫.୫୧ ଏମ୍‌ସିଏମ୍ ଜଳ କୌଣସି କାମରେ ଲାଗି ନ ପାରି ସମୁଦ୍ରରେ ମିଶୁଛି।

## ବ୍ଲକ ଅଫିସ ଆଗରେ ମୁଗଚାଷୀଙ୍କ ଧାରଣା


ବ୍ଲକ ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି।

**ଫନୀ ସହାୟତା ପ୍ରଦାନରେ ଅନିୟମିତତା**

ନାଉଗାଁ,୪।୮(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅଞ୍ଚଳରେ ଫନୀ କ୍ଷତିଗ୍ରସ୍ତ ମୁଗଚାଷୀଙ୍କୁ ଦିଆଯାଇଥିବା ସହାୟତାରେ ଅନିୟମିତତା ହୋଇଛି। ପୁନଃ ତଦନ୍ତ କରି ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବା ଦାବିରେ ମଙ୍ଗଳବାର ଚାଷୀମାନେ ବ୍ଲକ ଅଫିସ ଆଗରେ ଧାରଣା ଦେଇଥିଲେ। ଏଥିସହ ଏ ନେଇ ବିଡିଓ ରଶ୍ମିରେଖା ମଲିକ ଓ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, କେତେଜଣ ନ୍ୟସ୍ତସ୍ୱାର୍ଥବାଦୀ ପ୍ରଶାସନିକ ଅଧିକାରୀ ଚାଷୀଙ୍କ ନିକଟକୁ ନ ଯାଇ ରାଜନେତା ଓ ମୁଷ୍ଟିମେୟ ଲୋକଙ୍କ କଥାରେ ତାଲିକା ପ୍ରସ୍ତୁତ କରିଛନ୍ତି। ଫଳରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରି କି କୃଷି ବିଭାଗ କର୍ମଚାରୀ, ନାଉଗାଁ ରାଜସ୍ୱ ନିରୀକ୍ଷକ, ତହସିଲଦାର ଓ କୃଷକ ସାଥିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗଣଧାରଣାରେ ଧ୍ରୁବ ପରିଡା, ଗଜରାଜପୁର ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ, ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ଅଶୋକ ସ୍ୱାଇଁ, ଅଶୋକ ବାହାଲିଆ, ସୁବାସ ସ୍ୱାଇଁ ଓ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ମଲିକ କହିଛନ୍ତି, ଏହାର ତଦନ୍ତ କରାଯିବ। ତଦନ୍ତ ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ।

### ମୃତଦେହ ସତ୍କାର ପରେ ରିପୋର୍ଟ ପଜିଟିଭ୍

ନୟାଗଡ଼ ଅଫିସ,୪।୮

ନୟାଗଡ଼ ଜିଲା ଓଡଗାଁ ବ୍ଲକ ପଞ୍ଚରିଡାମାନପୁର ପଞ୍ଚାୟତରେ ଜଣେ ବ୍ୟବସାୟୀଙ୍କ ସୋମବାର ମୃତଦେହ ସତ୍କାର ପରେ ସ୍ୱାବ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଛି। ଘଟଣା ଜଣାପଡିବା ପରେ ଶବଦାହ କରିଥିବା ପରିବାର, ବନ୍ଧୁବାନ୍ଧବ ଓ ଶେଷ ଦର୍ଶନ କରିବାକୁ ଆସିଥିବା ଲୋକମାନେ ଭୟଭୀତ ହୋଇପଡିଛନ୍ତି। ସଂକ୍ରମଣକୁ ଏଡାଇବା ପାଇଁ ପଞ୍ଚରିଡାମାନପୁର ସରପଞ୍ଚ ମନୋଜ ସାହୁ ପଞ୍ଚାୟତକୁ ବୁଧବାରଠାରୁ ୭ଦିନ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସରପଞ୍ଚ ସାହୁଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ପଞ୍ଚରିଡା ଗାଁର ଜଣେ ୩୦ ବର୍ଷର ଗ୍ରୋସେରୀ ଓ ଲୁଗା ବ୍ୟବସାୟୀଙ୍କର ପ୍ରାୟ ୧୫ ଦିନ ତଳେ ଜ୍ୱର ହେବାରୁ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ମାତ୍ର ପୁଣି ଜ୍ୱର ହେବାରୁ ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ସ୍ୱାବ୍ ନିଆଯାଇଥିଲା। ତେବେ ଚିକିତ୍ସାଳୟରେ ବ୍ୟବସାୟୀଙ୍କର ମୃତ୍ୟୁ ହୋଇ ଯାଇଥିଲା। ପରିବାର ଲୋକେ ମୃତଦେହକୁ ଗାଁକୁ ଆଣି ସତ୍କାର କରିଥିଲେ।

## ବ୍ୟାସନଗରର ବିକାଶ ପାଇଁ ବୈଠକ

ଯାଜପୁର ରୋଡ୍, ୪।୮ (ଡି.ଏନ୍.ଏ.)

ବ୍ୟାସନଗର ମ୍ୟୁନିସିପାଲିଟିର ବିକାଶ ପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ମଙ୍ଗଳବାର ବ୍ୟାସନଗର ମ୍ୟୁନିସିପାଲିଟି ବୈଠକ ଗୃହରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶନ୍ତରାଠାରେ ଅଧାପନ୍ତରିଆ ଅବସ୍ଥାରେ ପଡ଼ିଥିବା ସାଂସ୍କୃତିକ ଭବନ କାର୍ଯ୍ୟ ଶେଷ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାବାଦ ଟାଉନହଲ୍‌ର ଉନ୍ନତୀକରଣ, ବ୍ୟାସ ସରୋବର ବିକାଶ, ରାଜୀବଗାନ୍ଧୀ ଷ୍ଟାଡିୟମ୍‌ରେ ପାର୍କ ନିର୍ମାଣ, ଖୋଲା ଜିମ୍, ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ, କୋରେଇ ବିଧାୟକ ଅଶୋକ ବଳ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ବ୍ୟାସନଗର ପୌରପରିଷଦର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, କେଏନଡିଏର ଯୋଜନା ସଦସ୍ୟ, ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ସପେକ୍ଟରସ୍ତରରେ ବ୍ୟାପକ ଅଦଳବଦଳ

**ଯାଜପୁର ଜିଲା ପୋଲିସ**

ଯାଜପୁର ଅଫିସ, ୪।୮

ଯାଜପୁର ଜିଲା ପୋଲିସ ବିଭାଗରେ ବ୍ୟାପକ ଅଦଳବଦଳ ହୋଇଛି। ଏହିମର୍ମରେ ଯାଜପୁର ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟର ନିର୍ଦ୍ଦେଶ ସଂଖ୍ୟା ୧୨୭୦/୩।୮।୨୦୨୦ରେ ନୋଟିସ୍ ଜାରି କରାଯାଇଛି। ମୁଖ୍ୟ କାର୍ଯ୍ୟାଳୟର ଇନ୍ସପେକ୍ଟର ଦାଶରଥି ପାତ୍ରଙ୍କୁ ଡିସିଆରବି ଯାଜପୁର, ଇନ୍ସପେକ୍ଟର ସସ୍ମିତା ସାହୁଙ୍କୁ ପାଣିକୋଇଲି ଆଇଆଇସି, ପାଣିକୋଇଲି ଆଇଆଇସି ଏ.କେ. ଜେନାଙ୍କୁ ବରୀ ରାମଚନ୍ଦ୍ରପୁର ଆଇଆଇସି, ବରୀ ରାମଚନ୍ଦ୍ରପୁର ଆଇଆଇସି ମାର୍କଣ୍ଡ ମିଶ୍ରଙ୍କୁ ବୈରୀ ଥାନା ଆଇଆଇସି ଭାବେ ବଦଳି କରାଯାଇଛି। ସେହିପରି ଯାଜପୁର ଆଇୟୁସିଏଡବ୍ଲ୍ୟୁର ଇନ୍ସପେକ୍ଟର ଏନ୍. ସବରଙ୍କୁ ବିଞ୍ଝାରପୁର ଥାନା ଆଇଆଇସି, ବିଞ୍ଝାରପୁର ଥାନା ଆଇଆଇସି ଶିବଚରଣ ବେହେରାଙ୍କୁ ସୁକିନ୍ଦା ଥାନା ଆଇଆଇସି, ଯାଜପୁର ଥାନା ଆଇଆଇସି ଆଶିଷ କୁମାର ସାହୁଙ୍କୁ ଜେନାପୁର ଥାନା ଆଇଆଇସି ଏବଂ ଜେନାପୁର ଥାନା ଆଇଆଇସି ସୁଶାନ୍ତ କୁମାର ଦାସଙ୍କୁ କଳିଙ୍ଗନଗର ଥାନା ଆଇଆଇସି ଭାବେ ବଦଳି କରାଯାଇଛି।ଏହି ନିର୍ଦ୍ଦେଶକୁ ଯାଜପୁର ଏସ୍‌ପି ଚରଣସିଂ ମୀନା, ଏଏସ୍‌ପି ଜେ.ଆର. ଶତପଥୀ ଓ ଡିଏସ୍‌ପି ଯାଜପୁର ପି.କେ.ମିଶ୍ର ମଞ୍ଜୁର କରିଛନ୍ତି।

## ଗୋଡ଼ିପଡ଼ା କଣ୍ଟେନ୍‌ମେଣ୍ଟ ଜୋନ୍

ନୟାଗଡ଼ ଅଫିସ,୪।୮

ଓଡଗାଁ ବ୍ଲକର ଗୋଡିପଡାକୁ ମଙ୍ଗଳବାର ଜିଲାପାଳ ପୋମା ଟୁଡୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଏହାର ଆଖପାଖ ଅଞ୍ଚଳ ପଞ୍ଚୁମୁ ପଞ୍ଚାୟତର ମଝିଆଖଣ୍ଡ,ଗୋଡିପଡା ପଞ୍ଚାୟତର କୁରୁଡଙ୍ଗ ଓ ଜାଗ୍ରୀଖଇରପଟି, ହରିଡାବନ୍ଧ ପଞ୍ଚାୟତର ହରିଡାବନ୍ଧ, ଡିମିଶର ପଞ୍ଚାୟତର ଡିମିଶର ଓ ବଡଗୋରଡା ପଞ୍ଚାୟତର ପାଟୁଲିସାହିକୁ ବଫର ଜୋନ ଭାବେ ଘୋଷଣା ହୋଇଛି। ଅନ୍ୟପକ୍ଷେ ଗୋଡିପଡାରେ ୨ଦିନରେ ୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ସରପଞ୍ଚ ସରୋଜିନି ସାହୁ ୫ତାରିଖ ସକାଳଠାରୁ ୩ଦିନ ଶଟ୍‌ଡାଉନ ଘୋଷଣା କରିଛନ୍ତି। ନୟାଗଡ଼ ମ୍ୟୁନିସିପାଲିଟିର ୧୨ନଂ. ୱାର୍ଡରୁ ୧୨ଜଣ ଆକ୍ରାନ୍ତ ବାହାରିଛନ୍ତି। ସଂକ୍ରମଣ ଭୟରେ ଅମରେନ୍ଦ୍ର ବଜାର ଲେନ୍, ଲକ୍ଷ୍ମୀବଜାର ଲେନ୍, ରାଜାବଗିଚା, ସିଂହଗଳିକୁ ଜିଲାପାଳ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି।

## ସମ୍ପର୍କରେ କଳଙ୍କ, ବିବାହ ନାଁରେ ଭାଇର ପ୍ରତାରଣା

ଦଶରଥପୁର, ୪।୮ (ଡି.ଏନ୍.ଏ.)

ଭାଇ ଭଉଣୀ ସମ୍ପର୍କରେ କଳଙ୍କ। ନିଜ ଦାଦା ଝିଅଙ୍କୁ ଗର୍ଭବତୀ କରାଇଥିବା ଭାଇ ନାଁରେ ଦଶରଥପୁର ବ୍ଲକ ମଙ୍ଗଳପୁର ଥାନାରେ ଅଭିଯୋଗ କରିଛନ୍ତି ଭଉଣୀ। ବିବାହ ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଯୁବକ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ସେ ଗର୍ଭବତୀ ଥିବା ଜାଣିବା ପରେ ଯୁବକ ଜଣକ ତାଙ୍କୁ ଧରାଛୁଆଁ ନ ଦେବାସହ ପିଲା ତାଙ୍କର ନୁହେଁ ବୋଲି କହିବାରୁ ପୀଡ଼ିତା ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ପୀଡ଼ିତାଙ୍କ କହିବା ଅନୁସାରେ, ଘଟଣାର ଆପୋଷ ସମାଧାନ ପାଇଁ ପଞ୍ଚାୟତ ପକ୍ଷରୁ ଚେଷ୍ଟା କରାଯାଇଥିଲା। ମାତ୍ର କିଛି ସୁଫଳ ନ ମିଳିବାରୁ ସେ ନ୍ୟାୟ ପାଇଁ ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଯୁବତୀଙ୍କ ଏତାଲା ଆଧାରରେ ମାମଲା ରୁଜୁ କରାଯାଇ ପୋଲିସ ଘଟଣାର ତଦନ୍ତ କରୁଥିବା ଆଇଆଇସି ଅସିତ ରଞ୍ଜନ ମହାନ୍ତି କହିଛନ୍ତି।

## କେନ୍ଦ୍ରାପଡ଼ାରେ ୧୨ ନୂତନ ଆକ୍ରାନ୍ତ ଚିହ୍ନଟ

କେନ୍ଦ୍ରାପଡ଼ା ଅଫିସ/ଡେରାବିଶ, ୪।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାର ଆଳି, କେନ୍ଦ୍ରାପଡ଼ା, ରାଜକନିକା, ଡେରାବିଶ, ପଟ୍ଟାମୁଣ୍ଡାଇ, ରାଜନଗର ଓ ମାର୍ଶାଘାଇ ବ୍ଲକରୁ ୧୨ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସୂଚନା ମିଳିଛି। ଏମାନଙ୍କ ମଧ୍ୟରୁ ୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ଗତ ୩ ତାରିଖରେ ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ବନବିହାରୀପୁର ଗ୍ରାମର ୪ନଂ. ୱାର୍ଡ, ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ଗ୍ରାମର ୮ନଂ. ୱାର୍ଡର ଆଂଶିକ ଅଞ୍ଚଳ ଓ କେନ୍ଦ୍ରାପଡ଼ା ବ୍ଲକ ଓସ୍ତପୁର ପଞ୍ଚାୟତ ବିରସ୍ୱତୀ ଗ୍ରାମର ୧୦ନଂ. ୱାର୍ଡକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ସେହିପରି ମଙ୍ଗଳବାର ପୂର୍ବାହ୍ଣ ୯ଟାଠାରୁ ୭ଦିନ ପର୍ଯ୍ୟନ୍ତ ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଉଦୟନଗର ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୩୭ ହୋଇଥିବାବେଳେ ସୁସ୍ଥ ସଂଖ୍ୟା ୪୧୮ ଅଛି।

## ଖାଲଖମାରେ କେନାଲ ବନ୍ଧ ରାସ୍ତା

- ଜରୁରିକାଳୀନ ସେବା ପହଞ୍ଚିବାରେ ଅସୁବିଧା ହେଉଛି
- ପକ୍କା ସଡ଼କ କରିବାକୁ ଦାବି

ରାହାମା, ୪।୮ (ଡି.ଏନ୍.ଏ.)


ରାସ୍ତାର ବିଭିନ୍ନ ସ୍ଥାନରେ ପାଣି ଜମିଛି।

କୁଜଙ୍ଗ ବ୍ଲକ ଅଧୀନ ପଣ୍ଡୁଆ ପଞ୍ଚାୟତ ଦେଇ ଯାଇଥିବା ୧୨ଇ କେନାଲ ରାସ୍ତାର ଗଉଡ଼ସାହି ଛକରୁ ମଣିଜଙ୍ଗା ଏରସମାର ନୂଆପୋଖରୀ ପର୍ଯ୍ୟନ୍ତ ଏବେ ଶୋଚନୀୟ ହୋଇଯାଇଛି। ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ରାସ୍ତା ଉପରେ ପଣ୍ଡୁଆ ବ୍ୟତୀତ ଗୋରଡ ଓ ବଣିତୋ ପଞ୍ଚାୟତର ଲୋକେ ନିର୍ଭରଶୀଳ। ଏହାଛଡ଼ା ପାରାଦୀପ, ତିର୍ତ୍ତୋଲ, ଏରସମା ଓ ବାଲିକୁଦା ଲୋକେ ଏହି ରାସ୍ତାଦେଇ ଯାଇଥାନ୍ତି। ଭକ୍ତ ବାବା ଗୋରେଖନାଥ ଓ ମା'ଶାରଳାଙ୍କ ଦର୍ଶନ କରିବାକୁ ଏହି ବାଟ ଉପରେ ନିର୍ଭର କରିଥାନ୍ତି। ମାତ୍ର ମରାମତି ଅଭାବରୁ ରାସ୍ତାର ବିଭିନ୍ନ ସ୍ଥାନ ଏବେ ଖାଲଖମାରେ ପୂରିଯାଇଛି। ଫଳରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ଗଲାବେଳେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନୈତିକ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସବୁଠି ଅଭିଯୋଗ କରାଯାଇଥିଲେ ମଧ୍ୟ ରାସ୍ତା ଅବସ୍ଥା ସୁଧୁରୁ ନ ଥିବା ଅଭିଯୋଗ ହୋଇଛି। ରାସ୍ତାକୁ ଜଳସମ୍ପଦ ବିଭାଗ ଅବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ନିରଞ୍ଜନ ମହାନ୍ତି, ଯଦୁମଣି ଦାସ, ଭରତ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ମଣିଜଙ୍ଗା ଏସ୍‌ଡିଓ ଚିନ୍ମୟ ମହାନ୍ତି କୁହନ୍ତି,୧୨ଇ କେନାଲ ରୋଡ୍‌ର ମରାମତି ପାଇଁ ଅର୍ଥ ଆସିନି। ଏ ବିଷୟରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏମ୍ପାୟାର କମିଟି ବସିବା ପରେ ରାସ୍ତା ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯିବ।

### ଶାଖା କେନାଲରୁ ପାଣି ଉଛୁଳି ଗାଁ ଦାଣ୍ଡ ଜଳମଗ୍ନ

ରଘୁନାଥପୁର,୪।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ନିକଟ ଗଡ଼ମା ୬ନଂ ଶାଖା କେନାଲର ଶିଉଳିଠାରେ ପାଣି ଉଛୁଳି ଗାଁ ଦାଣ୍ଡ ଜଳମଗ୍ନ ହୋଇଛି। ଠିକ ଭାବେ କୋଡ଼ି ସଫେଇ ହୋଇ ନ ଥିବାରୁ ପାଣି ଶେଷମୁଣ୍ଡ ଯାଏ ପହଞ୍ଚ ପାରୁନି। ଏହି ଶାଖା କେନାଲ ବାହାରିଥିବା ସ୍ଥାନରୁ ଅଧ କିଲୋମିଟର ପର୍ଯ୍ୟନ୍ତ ବନ୍ଧର ଉଚ୍ଚତା ଅପେକ୍ଷାକୃତ କମ୍ ଥିବାରୁ ଏପରି ସମସ୍ୟା ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମପୁର ଯନ୍ତ୍ରୀଙ୍କ ଅଧୀନରେ ଏହି ଶାଖା କେନାଲ ରହିଛି। ଦୀର୍ଘ ବର୍ଷ ଧରି ଏହି ଅବସ୍ଥା ଲାଗି ରହିଥିବା ବେଳେ ସମ୍ପୃକ୍ତ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗାଁ ଦାଣ୍ଡରେ ପାଣି ଜମି ରହି ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଶାଖା କେନାଲରୁ ପଟୁଆରି, ଶିବପୁର, ଗୁଲୁଗୁଲି, ଜେନାତାର ଓ ପଳାସଦଣ୍ଡା ଠାରେ ବାହାରିଥିବା ଉପଶାଖା କେନାଲଗୁଡିକରେ ପାଣି ତଳମୁଣ୍ଡ ଯାଏ ପହଞ୍ଚିପାରୁନି। ଗଡ଼ମାଠାରୁ ବିରାଡ଼ି କଟକ ପର୍ଯ୍ୟନ୍ତ ଏହି କେନାଲର ସ୍ଥାୟୀ ପ୍ରତିକାର ନିମନ୍ତେ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

